## ଶିକ୍ଷାଠାରୁ ଦୂରରେ, ନାହିଁ ଆଧାର କାର୍ଡ

# ସରକାରୀ ଯୋଜନାରୁ ବଞ୍ଚିତ ଶିବୁ ପରିବାର

**ନୟାଗଡ଼, ୭ ।୫(ସମିସ)**

ପାହାଡ଼କୁ ମହୁ ଆଣିବାକୁ ଯାଇ ପଥର ସନ୍ଧିରେ ଫସି ଯାଇଥିବା ନାବାଳକ ଶିବୁକୁ ଅଗ୍ନିଶମ ବାହିନୀ ଅକ୍ଳାନ୍ତ ପରିଶ୍ରମ କରି ଉଦ୍ଧାର କଲା। ଚିକିତ୍ସା ପରେ ଏବେ ସେ ସୁସ୍ଥ ହୋଇ ଘରକୁ ଫେରିଛି। ତେବେ ଶିବୁ ବିଦ୍ୟାଳୟ ମାଟି ମାଡ଼ି ନ ଥିବା ଏବଂ ସମସ୍ତ ସରକାରୀ ଯୋଜନାରୁ ତା' ପରିବାର ବଞ୍ଚିତ ଥିବା ଘଟଣା ଆଜି ସାମ୍ନାକୁ ଆସିଛି। ଶିବୁ ଏବଂ ତା' ମାଆ ସହ ପରିବାର ଲୋକଙ୍କ ଆଧାର କାର୍ଡ ନ ଥିବାରୁ ସେମାନଙ୍କୁ କୌଣସି ସରକାରୀ ଯୋଜନାରେ ସାମିଲ କରାଯାଇନାହିଁ। ଏପରିକି ଶିବୁ ପାଠ ପଢ଼ିବା ବଦଳରେ ପ୍ରତ୍ୟେକ ଦିନ ଜଙ୍ଗଲ ପାହାଡ଼କୁ ଯାଇ ଯାହା କିଛି ରୋଜଗାର କରେ, ସେଥିରେ ପରିବାର ଚଳିଥାଏ ବୋଲି ଜଣାପଡ଼ିଛି।

ଓଡ଼ଗାଁ ବ୍ଲକ ଶରଧାପୁର ପଞ୍ଚାୟତ ଗଜେନ୍ଦ୍ରପଲ୍ଲୀ ଗାଁରେ ଜରିପାଲ ତଳେ ଶିବଙ୍କ ପରିବାର କାଳାତିପାତ କରୁଛନ୍ତି। ଶିବୁର ବାପା ଲକ୍ଷ୍ମଣ ପ୍ରଧାନ କେଉଁ ଆଡ଼େ ଚାଲି ଯାଇଥିବା ବେଳେ ମାଆଙ୍କ ପାଖରେ ଶିବୁ ରହୁଛି। ତା' ସହିତ ବଡ଼ବାପାଙ୍କ ପରିବାର ମଧ୍ୟ ଗଜେନ୍ଦ୍ରପଲ୍ଲୀ ଗାଁରେ ରହୁଛନ୍ତି। ଆଜିପର୍ଯ୍ୟନ୍ତ ଶିବୁ କିମ୍ବା ତାଙ୍କ ପରିବାରର ଆଧାର କାର୍ଡ ନ ଥିବାରୁ ସେମାନେ ସରକାରୀ ଯୋଜନାରୁ ବଞ୍ଚିତ ହୋଇଛନ୍ତି। ଶିଶୁ ଆଦୌ ପାଠ ପଢ଼ି ନ ଥିବା ବେଳେ ରାସନ କାର୍ଡ କିମ୍ବା ନିଜସ୍ୱ ଘରଡିହ ଖଣ୍ଡେ ନାହିଁ। ମା' କୁନି ପ୍ରଧାନ ମାଗିଯାଚି ଦୁଇ ପୁଅ ଏବଂ ଗୋଟିଏ ଝିଅକୁ ଚଳାଉଛନ୍ତି। ମା'କୁ ସାହାଯ୍ୟ କରିବାକୁ ଶିବୁ ଜଙ୍ଗଲ ପାହାଡ଼କୁ ଯାଇ ମହୁ, କନ୍ଦା, ଫଳମୂଳ ଆଣି ବିକ୍ରି କରିଥାଏ। ନିଜର ଜାଗାବାଡ଼ି ନ ଥିବାରୁ ଏମାନେ ବିଭିନ୍ନ ସ୍ଥାନରେ ରହିଥାନ୍ତି। ଗଜେନ୍ଦ୍ରାପଲ୍ଲୀ ଗ୍ରାମବାସୀଙ୍କ ସହଯୋଗରେ ଗତ ୩ ବର୍ଷ ହେଲା ସେମାନେ କୁଡ଼ିଆ କରି ରହୁଛନ୍ତି। କେବଳ ଶିବୁଙ୍କ ପରିବାର ନୁହେଁ ଏମାନଙ୍କ ଭଳି ଆଉ ୫ ପରିବାର ମଧ୍ୟ ଏଠାରେ ରହୁଛନ୍ତି।

**▸▸ ଜରିପାଲ ତଳେ ବିତୁଛି ଜୀବନ**
**▸▸ ନାହିଁ ଘରଡିହ, ମିଳୁନି ରାସନ**

ଏଠାରେ ରହୁଥିବା ୧୦ରୁ ଅଧିକ ପିଲା ପାଠ ପଢ଼ିବା ତ ଦୂର କଥା ସ୍କୁଲ୍ ମାଟି ମାଡ଼ିନାହାଁନ୍ତି। ଏମାନଙ୍କର କାହାର ଆଧାର କାର୍ଡ ନାହିଁ। ଆଧାର କାର୍ଡ ନ ଥିବାରୁ ପିଲାମାନଙ୍କୁ ବିଦ୍ୟାଳୟରେ ଭର୍ତ୍ତି କରାଯାଇପାରୁନାହିଁ ବୋଲି ସେମାନେ କହିଛନ୍ତି। ସରକାରଙ୍କ କୌଣସି ଯୋଜନା ଏମାନଙ୍କ ପାଖରେ ପହଞ୍ଚି ପାରିନାହିଁ। ଏମାନଙ୍କର ନା ଅଛି ରାସନ କାର୍ଡ ନା ଅଛି ସ୍ୱାସ୍ଥ୍ୟ କାର୍ଡ। ଗରିବ ଲୋକଙ୍କ ପାଇଁ ସରକାର ବହୁ ଯୋଜନା କରିଥିଲେ ମଧ୍ୟ କ'ଣ ପାଇଁ ଏମାନେ ସେଥିରୁ ବଞ୍ଚିତ ହୋଇଛନ୍ତି ତାକୁ ନେଇ ପ୍ରଶ୍ନ ଉଠିଛି। ସେଠାରେ ରହୁଥିବା ଲୋକମାନଙ୍କର କିପରି ଆଧାର କାର୍ଡ ବ୍ୟବସ୍ଥା କରାଯିବ ଏବଂ ସେମାନଙ୍କ ନିକଟରେ ସରକାରଙ୍କ ସବୁ ଯୋଜନା କିପରି ପହଞ୍ଚିବ ସେ ନେଇ ପଦକ୍ଷେପ ନିଆଯିବ ବୋଲି ଜିଲ୍ଲାପାଳ ମଧୁମିତା ରଥ କହିଛନ୍ତି। ଏହାସହ ସେଠାରେ ଥିବା ପିଲାଙ୍କୁ ପାଠ ପଢ଼ାଇବା ପାଇଁ ପରିବାର ସଦସ୍ୟଙ୍କ ସହ ଆଲୋଚନା କରି ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।

### ଜିଲ୍ଲାପାଳଙ୍କ ନିର୍ଦ୍ଦେଶ
## ସହାୟତା ଯୋଗାଇଲା ବ୍ଲକ୍ ପ୍ରଶାସନ



**ଓଡ଼ଗାଁ, ୭ ।୫(ସମିସ):** ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥଙ୍କ ନିର୍ଦ୍ଦେଶରେ ଗୁରୁବାର ଓଡ଼ଗାଁ ବ୍ଲକ ଓ ତହସିଲ ପ୍ରଶାସନ ଶିବୁ ପରିବାର ପାଖରେ ପହଞ୍ଚି ଜରୁରୀ କାଳୀନ ସହାୟତା ପ୍ରଦାନ କରିଛନ୍ତି। ତହସିଲଦାର ଡ. ମାନସ ରଞ୍ଜନ ଭୋଇ ଓ ବିଡିଓ ପ୍ରୀତିବାଳା ରଣାଙ୍କ ନେତୃତ୍ୱରେ ପ୍ରଶାସନିକ ଦଳ ମଧ୍ୟାହ୍ନରେ ଗଜେନ୍ଦ୍ରପଲ୍ଲୀରେ ପହଞ୍ଚି ଶିବୁ ଓ ତାଙ୍କ ପରିବାର ଲୋକଙ୍କୁ ଭେଟିଥିଲେ। ସେମାନଙ୍କୁ ଚୁଡ଼ା, ଚାଉଳ, ଚିନି, ବିସ୍କୁଟ ସହ ବିଭିନ୍ନ ଶୁଖିଲା ଖାଦ୍ୟ ସାମଗ୍ରୀ ଯୋଗାଇ ଦେଇଥିଲେ। ଏହାସହ ସେଠାରେ ବାସ କରୁଥିବା ୭ ପରିବାରର ୧୨ ନାବାଳକ ଓ ୩୦ରୁ ଅଧିକ ପୁରୁଷ-ମହିଳାଙ୍କ ପାଇଁ ପ୍ରାରମ୍ଭିକ ପର୍ଯ୍ୟାୟରେ ଜନ୍ମ ପ୍ରମାଣପତ୍ର, ଆଧାରକାର୍ଡ, ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର ପ୍ରସ୍ତୁତି ଓ ଶିକ୍ଷା ବ୍ୟବସ୍ଥା ଆରମ୍ଭ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଆବଶ୍ୟକ କାଗଜପତ୍ର ପ୍ରସ୍ତୁତି ପରେ ପରିବାରଗୁଡ଼ିକୁ ସରକାରୀ ଜମିରେ ଥଇଥାନ ବ୍ୟବସ୍ଥା ସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଏବଂ ରାସନକାର୍ଡ ଯୋଗାଇ ଦିଆଯିବ। ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା କମିଶନର ପବିତ୍ରା ପାତ୍ରଙ୍କ ନେତୃତ୍ୱରେ ଏକ ଦଳ ଗୁରୁବାର ସନ୍ଧ୍ୟାରେ ଶିବୁକୁ ଭେଟି ଭଲମନ୍ଦ ବୁଝିବା ସହ ତହସିଲ ପ୍ରଶାସନ ପକ୍ଷରୁ ପ୍ରାଥମିକ ସହାୟତା ସ୍ୱରୂପ ପ୍ରତି ପରିବାରକୁ ଜରିପାଲ ପ୍ରଦାନ କରିଥିଲେ।

### ୫ମ ଦିନରେ କର୍ମଚାରୀଙ୍କ ଧାରଣା
## ବଢୁଛି ଅସନ୍ତୋଷ, ପ୍ରଶାସନ ନିଦାବିଷ୍ଟ



**ନୟାଗଡ଼, ୭ ।୫(ସମିସ):** ଗଣିଆ ରଘୁନାଥଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷା ସଲୀଲା ସେଠୀଙ୍କୁ ବଦଳି ଦାବି ଦିନକୁ ଦିନ ତେଜିବାରେ ଲାଗିଛି। ଗୁରୁବାର ଧାରଣା ୫ମ ଦିନରେ ପହଞ୍ଚିଛି। ପ୍ରତିଦିନ କର୍ମଚାରୀମାନେ ସକାଳୁ ୧୧ଟା ପର୍ଯ୍ୟନ୍ତ ଶାନ୍ତି ପୂର୍ଣ୍ଣ ଧାରଣା ଦେଉଛନ୍ତି। ୭ ତାରିଖରୁ ଖରାଛୁଟି ହେଉଥିବାରୁ କର୍ମଚାରୀମାନେ ମୁଖ୍ୟ ଫାଟକ ସମ୍ମୁଖରେ ଗଣିଆ-ଦଶପଲ୍ଲା ରାଜ୍ୟ ରାଜପଥ କଡ଼ରେ ବସିଥିବା ଦେଖିବାକୁ ମିଳିଥିଲା। ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଲଢ଼େଇ ଜାରି ରହିବ ବୋଲି ସେମାନେ ପ୍ରକାଶ କରିଛନ୍ତି।

ଅଧକ୍ଷାଙ୍କ ମନାମାନିକୁ ନେଇ କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ଅଧକ୍ଷା ନିଜ ସ୍ୱାମୀ ଚଳାଉଥିବା ଆଉଭାନ୍ସ ଟ୍ୟୁଟୋରିଆଲରେ ପାଠ ପଢ଼ିବାକୁ ଛାତ୍ରଛାତ୍ରୀଙ୍କୁ ପ୍ରଲୋଭିତ କରିବା, ଉକ୍ତ ଟ୍ୟୁଟୋରିଆଲରେ ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କୁ ଇଣ୍ଟରନାଲ ମାର୍କ ଅଧିକ ଦେବା, କଲେଜର ସବୁ ସ୍ଥାନରେ ଅଡିଓ, ଭିଡିଓ ସିସିଟିଭି ଲଗାଇଥିବା ବେଳେ ତାଙ୍କ ଅଫିସ ଭିତରେ କେବଳ ଭିଡିଓ ସିସିଟିଭି ଲଗାଇ କର୍ମଚାରୀଙ୍କୁ ଗାଳିଗୁଲଜ କରିବା, କିରାଣିଙ୍କୁ ଧମକ ଦେଇ ଅଫିସ କାଗଜପତ୍ର ନିଜ ପାଖରେ ରଖିବା, ୪ର୍ଥ ଶ୍ରେଣୀ କର୍ମଚାରୀଙ୍କୁ କୋର୍ଟ ପେପରରେ ଦସ୍ତଖତ କରି ଦରମା ପ୍ରଦାନ କରିବା, କର୍ମଚାରୀଙ୍କୁ ବାରମ୍ବାର ଥାନା ଦ୍ୱାରସ୍ଥ କରିବା, କଲେଜର ସହକାରୀ ଲାଇବ୍ରେରିଆନଙ୍କୁ ହାତ କରି ମିଛ ଭାଉଚର ଯୋଡ଼ି କଲେଜ ଅର୍ଥ ଖର୍ଚ୍ଚ କରିବା ଭଳି ଅନେକ ଅଭିଯୋଗ କରାଯାଇଛି। ୫ ଦିନ ଧରି ଏହି ଧାରଣା ଚାଲିଥିବା ବେଳେ ଦିନକୁ ଦିନ ଅସନ୍ତୋଷ ବୃଦ୍ଧି ପାଉଛି। ତୁ ତୁ ଖରାରେ କର୍ମଚାରୀମାନେ ନିଜ ଦାବି ପାଇଁ ଧାରଣା ଜାରି ରଖିଥିଲେ ମଧ୍ୟ ପ୍ରଶାସନ ନିଦାବିଷ୍ଟ ସାଜିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଧାରଣାସ୍ଥଳକୁ କେହି ବି ନ ଆସିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି।

### ହରିଶ୍ଚନ୍ଦ୍ର ଯୋଜନା ଦିଗହରା
## ସହାୟତା ଅପେକ୍ଷାରେ ୬୦ରୁ ଊର୍ଦ୍ଧ୍ୱ ହିତାଧିକାରୀ

**ଗଣିଆ, ୭ ।୫(ସମିସ):** ଗରିବ ସୀମାରେଖା ତଳେ ବାସ କରୁଥିବା ଲୋକଙ୍କୁ ଶବଦାହ ପାଇଁ ସହାୟତା ରାଶି ଯୋଗାଇ ଦେବାକୁ ସରକାର ହରିଶ୍ଚନ୍ଦ୍ର ଯୋଜନା କାର୍ଯ୍ୟକାରୀ କରିଛନ୍ତି। ସରପଞ୍ଚଙ୍କ ଅନୁମୋଦନ କ୍ରମେ ପଞ୍ଚାୟତରୁ ଏହି ଟଙ୍କା ତୁରନ୍ତ ହିତାଧିକାରୀଙ୍କୁ ପ୍ରଦାନ କରିବାର ବ୍ୟବସ୍ଥା ରହିଛି। ବ୍ୟକ୍ତିଟିଏ ମୃତ୍ୟୁବରଣ କଲେ ତୁରନ୍ତ ତାଙ୍କ ପାଖରେ ପହଞ୍ଚି ସହାୟତା ରାଶି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ମାସ ମାସ ବିତି ଯାଇଥିଲେ ମଧ୍ୟ ଏହି ଯୋଜନାରେ ହିତାଧିକାରୀଙ୍କୁ ମିଳୁନି ସହାୟତା। ଗଣିଆ ବ୍ଲକରେ ହରିଶ୍ଚନ୍ଦ୍ର ଯୋଜନା ଗରିବଙ୍କ ପ୍ରତି ଉପହାସ ସଦୃଶ ହୋଇଛି। ବ୍ଲକ କାର୍ଯ୍ୟାଳୟରୁ ମିଳିଥିବା ତଥ୍ୟ ଅନୁଯାୟୀ ମାର୍ଚ୍ଚ ଶେଷ ସୁଦ୍ଧା ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ପାଇଁ ବ୍ଲକର ୮ ପଞ୍ଚାୟତର ୬୦ ଜଣ ଅନଲାଇନ ଆବେଦନ କରିଛନ୍ତି। ସେଥିମଧ୍ୟରୁ ଗଣିଆ ପଞ୍ଚାୟତରେ ୨ ଜଣ, ଆଡ଼କଟାରେ ୯ ଜଣ, ବଡ଼ସିଲିଙ୍ଗାରେ ୩ ଜଣ, ବେଲପଡ଼ାପାଟଣାରେ ୩ ଜଣ, ଛାମୁଣ୍ଡିଆରେ ସର୍ବାଧିକ ୨୦ ଜଣ, କରଡ଼ାପଡ଼ାରେ ଜଣେ, କିଶୋରପ୍ରସାଦରେ ୧୦ ଜଣ ଏବଂ ରାସଙ୍ଗ ପଞ୍ଚାୟତରେ ୧୨ ଜଣ ରହିଛନ୍ତି। ଅନଲାଇନ୍ ଆବେଦନ କରାଯାଇଥିବା ବେଳେ କିଏ ଡିସେମ୍ବର ମାସରୁ ପାଇନାହିଁ ତ ଆଉ କିଏ ଜାନୁଆରୀରୁ ଅପେକ୍ଷା କରି ରହିଛନ୍ତି। ଏ ସମ୍ପର୍କରେ ବ୍ଲକ ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ପ୍ରଫୁଲ୍ଲ କୁମାର ନାୟକଙ୍କୁ ପଚାରିବାରୁ, ଅନଲାଇନରେ ଆବେଦନ ହୋଇଥିବା ୬୦ ଜଣଙ୍କ ତାଲିକା ଆମେ ପଠାଇ ଦେଇଛୁ ବୋଲି କହିଛନ୍ତି। ମୃତ ବ୍ୟକ୍ତିଙ୍କ ଘରେ ପହଞ୍ଚି ଶବଦାହ କରିବାକୁ ତୁରନ୍ତ ସହାୟତା ପ୍ରଦାନ କରିବାକୁ ନିର୍ଦ୍ଦେଶ ଥିବା ଏହି ଯୋଜନାରେ ମାସ ମାସ ଧରି ଅର୍ଥ ମିଳୁ ନ ଥିବାରୁ ଯୋଜନା ଏବେ ବାଟବଣା ହୋଇଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଚାଲିଛି।

## କୂଅରେ ପଡ଼ି ୨ ବର୍ଷର ଶିଶୁ ମୃତ

**ଖଣ୍ଡପଡ଼ା, ୭ ।୫(ସମିସ):** ଫତେଗଡ଼ ଥାନା ରାଣୀଛେଳି ପଞ୍ଚାୟତ ମର୍ଦ୍ଦରାଜପ୍ରସାଦ ଗ୍ରାମରେ ଗୁରୁବାର ସକାଳେ କୂଅରେ ପଡ଼ି ୨ ବର୍ଷୀୟ ଶିଶୁପୁତ୍ରର ମୃତ୍ୟୁ ହୋଇଛି। ଗ୍ରାମର ବିଶ୍ୱମ୍ବର ସ୍ୱାଇଁଙ୍କ ସ୍ତ୍ରୀ ସକାଳେ ଘରେ ରୋଷେଇ କାର୍ଯ୍ୟରେ ବ୍ୟସ୍ତ ଥିବା ବେଳେ ତାଙ୍କ ପୁଅ ସୂର୍ଯ୍ୟକାନ୍ତ ସ୍ୱାଇଁ (୨) ବାରିପଟେ ଖେଳୁଥିଲା। ତେବେ ବାରିପଟେ ଥିବା କୂଅରେ ସେ ପଡ଼ିଯାଇଥିଲା। କିଛି ସମୟ ପରେ ପରିବାର ଲୋକେ ତାକୁ ଖୋଜାଖୋଜି କରିବା ପରେ କୂଅରେ ପଡ଼ିଥିବା ସନ୍ଦେହ କରି ଖୋଜାଖୋଜି କରିଥିଲେ। ପରେ ତାକୁ ସଙ୍କଟାପନ୍ନ ଅବସ୍ଥାରେ ଉଦ୍ଧାର କରି ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ତେବେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ। ଏନେଇ ଖଣ୍ଡପଡ଼ା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ପୁଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏକମାତ୍ର ପୁଅକୁ ହରାଇ ବିଶ୍ୱମ୍ବର ଏବଂ ତାଙ୍କ ପତ୍ନୀ ସମେତ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି।

## ବସ୍‌ଷ୍ଟାଣ୍ଡ ପାଚେରି ନିର୍ମାଣକୁ ଗ୍ରାମବାସୀଙ୍କ ବିରୋଧ

**ଓଡ଼ଗାଁ, ୭ ।୫(ସମିସ):** ଓଡ଼ଗାଁ ଏନ୍ଏସି ଅନ୍ତର୍ଗତ ନିର୍ମାଣାଧୀନ ସରକାରୀ ବସଷ୍ଟାଣ୍ଡର ପୂର୍ବ ପାର୍ଶ୍ୱରେ ସୁରକ୍ଷା ପ୍ରାଚୀର ନିର୍ମାଣକୁ ନେଇ ମଠଖଜୁରିଆ ଓ କୁମ୍ଭିଆପଲ୍ଲୀ ଗ୍ରାମବାସୀଙ୍କ ବିରୋଧ ଯୋଗୁଁ କାମ ଅଧାରେ ଅଟକିଛି। ପ୍ରଥମେ ଦୁଇ ଗ୍ରାମ ପାଇଁ ଓସାରିଆ ବିକଳ୍ପ ରାସ୍ତା ନିର୍ମାଣ କରାଯାଉ, ପରେ ପ୍ରାଚୀର ନିର୍ମାଣ କରାଯାଉ ବୋଲି ଗ୍ରାମବାସୀ ଦାବି କରିଛନ୍ତି। ଘଟଣାର ସମାଧାନ ପାଇଁ ଗୁରୁବାର ଓଡ଼ଗାଁ ତହସିଲଦାର ଡ. ମାନସ ରଞ୍ଜନ ଭୋଇ, ଏନ୍ଏସି ନିର୍ବାହୀ ଅଧିକାରୀ ନୀହାର ରଞ୍ଜନ ବେହେରା, ଅତିରିକ୍ତ ତହସିଲଦାର ଜି. ଶ୍ରୀନୁଙ୍କ ସହ ଓଡ଼ିଶା ପରିବହନ ନିଗମର ଆର୍ଥିକ ପରାମର୍ଶଦାତା ଦେବୀପ୍ରସାଦ ବିଶ୍ୱାଳଙ୍କ ନେତୃତ୍ୱରେ ଏକ ଦଳ ବିବାଦୀୟ ସ୍ଥଳ ପରିଦର୍ଶନ କରିଥିଲେ। ଅଧିକାରୀମାନେ ଘଟଣାର ସମସ୍ତ ଦିଗ ଅନୁଧ୍ୟାନ କରି ସ୍ଥିତି ସମୀକ୍ଷା କରିଛନ୍ତି। ମଠଖଜୁରିଆ ରାସ୍ତା ପାର୍ଶ୍ୱରେ ନିର୍ମାଣାଧୀନ ନୂତନ ଓଏସ୍ଆରଟିସି ବସଷ୍ଟାଣ୍ଡ ପାଇଁ ସ୍ଥାନ ଚିହ୍ନଟ ସମୟରେ ଦୁଇ ଗ୍ରାମକୁ ସଂଯୋଗ କରୁଥିବା ପୁରୁଣା ରାସ୍ତା ବସଷ୍ଟାଣ୍ଡ ପରିସର ମଧ୍ୟରେ ପଡ଼ିଯାଇଥିଲା। ଏହାର ବିକଳ୍ପ ଭାବେ ପୂର୍ବ ପାର୍ଶ୍ୱରେ ନୂତନ ରାସ୍ତା ନିର୍ମାଣ କରି ମୁଖ୍ୟ ରାସ୍ତା ସହ ସଂଯୋଗ କରିବାକୁ ପୂର୍ବରୁ ସ୍ଥିର ହୋଇଥିଲା। କିନ୍ତୁ ନୂତନ ରାସ୍ତା ନିର୍ମାଣ ନ କରି ସୁରକ୍ଷା ପ୍ରାଚୀର କାମ ଆରମ୍ଭ ହେବାରୁ ଗ୍ରାମବାସୀ ଆପତ୍ତି ଉଠାଇଥିଲେ। ଅନ୍ୟପଟେ, ପ୍ରସ୍ତାବିତ ନୂତନ ରାସ୍ତାର ଦୁଇଟି ସ୍ଥାନରେ ଘର ନିର୍ମାଣ ହୋଇଥିବାରୁ ରାସ୍ତା ସଙ୍କୁଚିତ ହେବା ନେଇ ମଧ୍ୟ ବିବାଦ ସୃଷ୍ଟି ହୋଇଛି। ଫଳରେ ଗ୍ରାମବାସୀ ପ୍ରଥମେ ଓସାରିଆ ରାସ୍ତା ନିର୍ମାଣ ଓ ପରେ ପ୍ରାଚୀର କାମ ସମ୍ପନ୍ନ କରିବାକୁ ଦୃଢ଼ ଦାବି କରି କାମ ଅଟକାଇଛନ୍ତି। ପ୍ରଶାସନ ପକ୍ଷରୁ ଶୁକ୍ରବାର ସକାଳେ ପୁନର୍ବାର ଘଟଣାସ୍ଥଳରେ ଅଧିକାରୀମାନେ ଉପସ୍ଥିତ ରହି ଗ୍ରାମବାସୀଙ୍କ ସହ ଆଲୋଚନା କରି ସ୍ଥାୟୀ ସମାଧାନ ପନ୍ଥା ବାହାର କରିବାକୁ ସ୍ଥିର ହୋଇଛି। ଏହା ଦ୍ୱାରା ଦୀର୍ଘଦିନ ଧରି ଚାଲିଥିବା ବିବାଦର ସମାଧାନ ହେବ ବୋଲି ଆଶା କରାଯାଉଛି।



**ବିବାଦ ସମାଧାନ ପାଇଁ ତହସିଲଦାରଙ୍କ ଉଦ୍ୟମ**

## ନଳକୂପବିହୀନ ଗାଁ ସାତଘରିଆ ଓ ବାପଡ଼ା

**ଦଶପଲ୍ଲା, ୭ ।୫(ସମିସ):** ଦଶପଲ୍ଲା ବ୍ଲକ ଆଦିବାସୀ ବହୁଳ ଦୁଡ଼ା ପଞ୍ଚାୟତ ସାତଘରିଆ ଓ ବାପଡ଼ା ଗ୍ରାମବାସୀ ପାନୀୟ ଜଳ ପାଇବା ପାଇଁ ସଂଗ୍ରାମ କରୁଛନ୍ତି। ଚୁଆପାଣିରେ ସେମାନଙ୍କ ଜୀବନ ବିତୁଛି। ଚୁଆପାଣି ପାଇଁ ୨ କିମି ଦୂର ଯିବାକୁ ପଡୁଛି। ଏହି ଦୁଇ ଗ୍ରାମକୁ ସବୁଦିନିଆ ରାସ୍ତା ନ ଥିବା ବେଳେ ବର୍ଷାଦିନେ ଘୁମୁସରିଆ ନାଳ ଜଳବନ୍ଦୀ କରି ରଖେ। ଖରାଦିନେ ନଳକୂଅବିହୀନ ଏହି ଦୁଇ ଗ୍ରାମବାସୀ ନାଳରେ ଚୁଆ କରି ଗରା, ମାଠିଆରେ ଗାମୁଛା ବାନ୍ଧି ପାଣିକୁ ଛାଣି ବ୍ୟବହାର କରିବାକୁ ବାଧ୍ୟ ହୁଅନ୍ତି। ଦୁଡ଼ା ପଞ୍ଚାୟତ ୧୦ ନମ୍ବର ୱାର୍ଡ ରାଣୀଝରି ଅନ୍ତର୍ଗତ ବାପଡ଼ା ଗ୍ରାମରେ ୭ ଓ ସାତଘରିଆ ଗ୍ରାମରେ ୨୦ ଆଦିବାସୀ ପରିବାର ବାସ କରନ୍ତି। ବର୍ଷାଦିନେ ଏହି ଖରସ୍ରୋତା ନାଳ ପାଣି ଡେଇଁ ରାଣୀଝରି ପ୍ରାଥମିକ ସ୍କୁଲକୁ ପାଠ ପଢ଼ିବା ପାଇଁ ଯିବାକୁ କୋମଳମତି ଶିଶୁଙ୍କ ଜୀବନ ବାଜିରେ ଲାଗେ ବୋଲି କୁହନ୍ତି ସାତଘରିଆ ଗ୍ରାମର ପ୍ରକାଶ ମଲ୍ଲିକ ଓ ସୁରେନ୍ଦ୍ର ଜାନୀ। ଏହି ଗ୍ରାମରେ କୁଆଡ଼େ କିଛିବର୍ଷ ତଳେ ଏକ ନଳକୂଅ ୯୦ ଫୁଟ ପର୍ଯ୍ୟନ୍ତ ଖୋଳି ବିଫଳ ହୋଇଥିବା ଓ ସେମିତି ଭଙ୍ଗାରୁଜା ଅବସ୍ଥାରେ ପଡ଼ିଥିବା ଦେଖିବାକୁ ମିଳିଛି। ଦୁଇ ଗ୍ରାମରେ ନଳକୂପ ଖୋଳିବା ପାଇଁ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ନା ନଳକୂଅ ଖୋଳା ଗାଡ଼ି ଯିବା ପାଇଁ ପ୍ରକୃଷ୍ଟ ରାସ୍ତା ହିଁ ବାଧକ ବାସ୍ତବରେ ବୁଝା ପଡୁନି। ଏ ନେଇ ସ୍ଥାନୀୟ ସରପଞ୍ଚ ଭବାନୀବାଳା କହଁରଙ୍କୁ ଯୋଗାଯୋଗ କରିବାରେ ସେ ଦୁଇ ଗାଁରେ ନଳକୂପ ନ ଥିବା ସ୍ୱୀକାର କରିବା ସହ ବ୍ଲକ ଓ ଜିଲ୍ଲା ପ୍ରଶାସନକୁ ଅବଗତ କରିଥିବା କହିଛନ୍ତି। ଏଥିସହ ସେ ନିଜେ ଦୁଇଦିନ ତଳେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ କାର୍ଯ୍ୟାଳୟକୁ ଯାଇ ଯନ୍ତ୍ରୀଙ୍କୁ ଜଣାଇବାରେ ସେ କ'ଣ ଗୋଟିଏ ଘରକୁ ଗୋଟିଏ ନଳକୂଅ ଖୋଳାଯିବ ବୋଲି ଓଲଟା ପ୍ରଶ୍ନ କରି ଅନାବଶ୍ୟକ ବ୍ୟବହାର କରିଥିବା କହିଛନ୍ତି। ଗ୍ରୀଷ୍ମ ପ୍ରବାହ ସମୟରେ ଏହି ସମ୍ବେଦନଶୀଳ ଦାବିକୁ ଅଗ୍ରାଧିକାର ଭିତ୍ତିରେ ପୂରଣ କରା ନ ଗଲେ ବ୍ୟାପକ ଜନ ଆନ୍ଦୋଳନ କରାଯିବ ବୋଲି ଜୀବିକା ସୁରକ୍ଷା ମଞ୍ଚ କର୍ମୀ କର୍ଣ୍ଣ ଜାନୀ ଓ କୁନା ନାୟକ ଚେତାବନୀ ଦେଇଛନ୍ତି।



**ଚୁଆପାଣିରେ ବିତୁଛି ୨୭ ପରିବାର ଜୀବନ**

## ବିପଦକୁ ଆମନ୍ତ୍ରଣ କରୁଛି ଶୁଖିଲା ଆମ୍ବଗଛ

**ଗଣିଆ, ୭ ।୫(ସମିସ):** ଖରାଦିନେ କାଳବୈଶାଖୀ ପ୍ରଭାବ ଦେଖିବାକୁ ମିଳିଛି। ପ୍ରତିଦିନ ସକାଳୁ ଖରା ଜୋର୍ ହେଉଥିବା ବେଳେ ସନ୍ଧ୍ୟାରେ ମାଡ଼ିଆସୁଛି କାଳବୈଶାଖୀ। କାଳବୈଶାଖୀ ପ୍ରଭାବରେ ବହୁ ପୁରାତନ ଗଛ ସବୁ ଭାଙ୍ଗିଗଲାଣି। ଗତ ବର୍ଷେ ତଳେ ଗଣିଆ ବସଷ୍ଟାଣ୍ଡ ପାଖରେ ଥିବା ମାର୍କେଟ କମ୍ପ୍ଲେକ୍ସ ଉପରେ ଆମ୍ବଗଛ ପଡ଼ି ଦୁଇ ଘରର ଛାତ ଭାଙ୍ଗି ଯାଇଥିବା ବେଳେ ଆଜିପର୍ଯ୍ୟନ୍ତ ଛାତ ଅଧା ଝୁଲନ୍ତା ଅବସ୍ଥାରେ ରହିଛି। ଏପରି ସ୍ଥଳେ ବସ୍‌ଷ୍ଟାଣ୍ଡ ଭିତରେ ଥିବା ଏକ ଶୁଖିଲା ଆମ୍ବଗଛ ବିପଦକୁ ଆମନ୍ତ୍ରଣ କରୁଛି। ପ୍ରତିଦିନ ବସଷ୍ଟାଣ୍ଡ ଭିତରେ ଗାଡ଼ିମଟର ଛିଡ଼ା ହୋଇ ରହୁଥିବା ବେଳେ ବସକୁ ଅପେକ୍ଷା କରି ଅନେକ ଯାତ୍ରୀ, ଛାତ୍ରଛାତ୍ରୀ ବସି ରହୁଛନ୍ତି। ବିପଦସଙ୍କୁଳ ଅବସ୍ଥାରେ ଥିବା ଏହି ଆମ୍ବଗଛ କେତେବେଳେ ଯେ ଭାଙ୍ଗି କାହା ଉପରେ ପଡ଼ି କିଛି ଅଘଟଣ ନ ଘଟିବ ତାହା କହି ହେବନାହିଁ। ଏପରିକି ପାଖରେ କର୍ମଚାରୀ ରହୁଥିବା ଘର ସହ ବସଷ୍ଟାଣ୍ଡ ଭିତରେ ରହୁଥିବା ବସ୍ ଉପରେ ଗଛ ପଡ଼ିପାରେ ଏଥିରେ ସନ୍ଦେହ ନାହିଁ। ତୁରନ୍ତ ଉକ୍ତ ଗଛଟିକୁ କାଟିବାକୁ ସାଧାରଣରେ ଦାବି ହେଉଛି।



## ବ୍ଲକ୍‌ସ୍ତରୀୟ ମନରେଗା ଜନଶୁଣାଣି



**ନୂଆଗାଁ, ୭ ।୫(ସମିସ):** ନୂଆଗାଁ ବ୍ଲକ ସଭାଗୃହରେ ମନରେଗା ଯୋଜନା ଅନ୍ତର୍ଗତ ବ୍ଲକସ୍ତରୀୟ ଜନଶୁଣାଣି ଅନୁଷ୍ଠିତ ହୋଇଛି। ୨୦୨୫-୨୬ ଆର୍ଥିକ ବର୍ଷରେ କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପଗୁଡ଼ିକ ଉପରେ ପଞ୍ଚାୟତ ସ୍ତରରେ ସାମାଜିକ ସମୀକ୍ଷା ହୋଇଥିଲା। ସାମାଜିକ ସମୀକ୍ଷା ତଥ୍ୟ ଓ ରିପୋର୍ଟ ଉପରେ ଆଜି ଏହି ବ୍ଲକସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମ ହୋଇଥିଲା। ଜିଲ୍ଲା ପରିଷଦ ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିତେନ୍ଦ୍ର କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଏପିଓ ତୁଷାରକାନ୍ତ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ। ଜିଲ୍ଲା ସାମାଜିକ ସମୀକ୍ଷକ ବିଜୟ ବଲିଆରସିଂ ସାମାଜିକ ସମୀକ୍ଷା ଓ ଜନଶୁଣାଣି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ବିଡିଓ ଅମୃତ କୁମାର ରାଉଳ ମନରେଗା ଯୋଜନା କାର୍ଯ୍ୟକାରିତା ସମ୍ପର୍କରେ କହିଥିଲେ। ଏହି ଯୋଜନାରେ ୨୦୨୫-୨୬ ଆର୍ଥିକ ବର୍ଷରେ ମୋଟ ୮ କୋଟି ୪୧ ଲକ୍ଷ ୩୩ ହଜାର ଟଙ୍କା ଖର୍ଚ୍ଚ ହୋଇଛି ବୋଲି ସେ ସୂଚନା ଦେଇଥିଲେ। ଏ ବର୍ଷ ୪୮୮ ପରିବାରକୁ ନୂଆ କରି ମନରେଗା ଯୋଜନାରେ ପଞ୍ଜୀକରଣ କରାଯାଇଛି। ଏହାକୁ ମିଶାଇ ମୋଟ ୨୦୩୬୬ ପରିବାର ପଞ୍ଜୀକୃତ ହୋଇଚନ୍ତି। ସେମାନଙ୍କ ମଧ୍ୟରୁ ୬୧୮୬ ପରିବାର କାର୍ଯ୍ୟ ପାଇବା ପାଇଁ ଆବେଦନ କରିଥିଲେ ଓ ସମସ୍ତଙ୍କୁ କାର୍ଯ୍ୟରେ ନିଯୋଜିତ କରାଯାଇଛି। ସେଥି ମଧ୍ୟରୁ ୪୪ ପରିବାର ୨୦୨୫-୨୬ ଆର୍ଥିକ ବର୍ଷରେ ଶହେ ଦିନ କାର୍ଯ୍ୟ ଦିବସ ପୂରଣ କରିଛନ୍ତି। ବ୍ଲକରେ ୨୦୨୫-୨୬ ଆର୍ଥିକ ବର୍ଷରେ ୨, ୨୬, ୦୧୭ ଶ୍ରମ ଦିବସ ସୃଷ୍ଟି ହୋଇଥିଲା ଏବଂ ବେକାରୀ ଭତ୍ତା କାହାରିକୁ ଦିଆଯାଇ ନ ଥିବା ବିଡିଓ ରାଉଳ ପ୍ରକାଶ କରିଛନ୍ତି। ବ୍ଲକ ସାମାଜିକ ସମୀକ୍ଷକ ସ୍ୱର୍ଣ୍ଣଲତା ଦଳବେହେରା ପଞ୍ଚାୟତ ସ୍ତରରୁ ଆସିଥିବା ସାମାଜିକ ସମୀକ୍ଷା ରିପୋର୍ଟ ପାଠ କରିଥିଲେ। ମନରେଗା ସହାୟକ ଆଶୁତୋଷ ମିଶ୍ର ଓ ସନ୍ତୋଷ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଶିକ୍ଷାବିତ ବନମାଳୀ ଆଚାର୍ଯ୍ୟଙ୍କ ପରଲୋକ



**ରଣପୁର, ୭ ।୫(ସମିସ):** ରଣପୁର ବ୍ଲକ ରାଜସୁନାଖଳା ଗ୍ରାମର ବିଶିଷ୍ଟ ଶିକ୍ଷାବିତ ତଥା ଭକ୍ତଚରଣ କ୍ଲବ ଉପଦେଷ୍ଟା ବନମାଳୀ ଆଚାର୍ଯ୍ୟ (୮୬)ଙ୍କର ବୁଧବାର ନିଜ ବାସଭବନରେ ପରଲୋକ ହୋଇଛି। ବନମାଳୀ ହୃଦରୋଗରେ ପୀଡ଼ିତ ଥିଲେ। କିଛିଦିନ ହେବ ଡାକ୍ତରଖାନାରୁ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ। ସେ ଜଣେ କର୍ତ୍ତବ୍ୟନିଷ୍ଠ, ଛାତ୍ରବତ୍ସଳ, କର୍ମଠ, ଧର୍ମପରାୟଣ, ପରୋପକାରୀ, ମିଷ୍ଟଭାଷୀ ଓ ଦୂରଦୃଷ୍ଟିସମ୍ପନ୍ନ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଚି। ନାତି ବିଷ୍ଣୁପ୍ରସାଦ ମିଶ୍ର ଉପସ୍ଥିତ ଥିଲେ।

### ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ଭିନ୍ନ ଧରଣର ଚଳଚ୍ଚିତ୍ର
# ଜନଜାଗରଣ ସୃଷ୍ଟି କରିବ 'ମଦ ମଣିଷ'





**ନୟାଗଡ଼, ୭ ।୫(ସମିସ)**

ନୟାଗଡ଼ ଜିଲ୍ଲାର ମାଟି, ପାଣି ଓ ପବନର କଥା। ଆଦିବାସୀ ଗାଁର ଚିତ୍ର ଓ ଚରିତ୍ର। ଦେହ ଶୀତେଇ ଗଲା ଭଳି କାହାଣୀକୁ ନେଇ ପ୍ରସ୍ତୁତି ଚାଲିଛି ଚଳଚ୍ଚିତ୍ର 'ମଦ ମଣିଷ'। ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ଆଦିବାସୀ ଗାଁ ଓସ୍ତିଆରେ ଜନ୍ମଗ୍ରହଣ କରିଥିବା କବି ହରିଶ ପ୍ରଧାନଙ୍କ 'ମଦ ମଣିଷ' କାହାଣୀକୁ ନେଇ ପ୍ରଖ୍ୟାତ ନାଟ୍ୟ ନିର୍ଦ୍ଦେଶକ ଶ୍ରୀଧର ପ୍ରଧାନଙ୍କ ନିର୍ଦ୍ଦେଶନାରେ ଏହାର ସୁଟିଂ ଚାଲିଛି। ନୟାଗଡ଼ ଆଖପାଖ ଅଞ୍ଚଳରେ ଏହି ଚଳଚ୍ଚିତ୍ର ସୁଟିଂ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଖୁବଶୀଘ୍ର ଏହା ମୁକ୍ତିଲାଭ କରିବ ବୋଲି ସୂଚନା ମିଳିଛି।

ସରଳ, ନିରୀହ ଆଦିବାସୀମାନଙ୍କ ମଦ ପ୍ରତି ଥିବା ଦୁର୍ବଳତାକୁ ଆୟୁଧ କରି ଲୋଲୁପୀ ଯାଦୁଗର କିଭଳି ଗ୍ରାମବାସୀଙ୍କୁ 'ମଦ ମଣିଷ'ରେ ପରିବର୍ତ୍ତିତ କରୁଛି, ତାହା ଏହି ଚଳଚ୍ଚିତ୍ରରେ ଦେଖିବାକୁ ମିଳିବ। ନିରୀହ ଆଦିବାସୀ ଲୋକଙ୍କୁ ଭୁଆଁ ବୁଲାଇ ନାରୀ ଶୋଷଣ ମଧ୍ୟ ଚଳଚ୍ଚିତ୍ରର ମୁଖ୍ୟ ଅଂଶ। ଆଦିବାସୀଙ୍କୁ ମୁଖ୍ୟ ସୋତ୍ରକୁ ଫେରାଇ ଆଣିବା, ମଦଠାରୁ ସମାଜକୁ ଦୂର କରିବାର ସଚେତନତା ଚଳଚ୍ଚିତ୍ରରେ ଭରି ରହିଛି। ଗାଁ ଠାକୁରାଣୀଙ୍କ କୃପା ଓ କୋପ ମଧ୍ୟ ବେଶ୍ ଆକର୍ଷଣୀୟ। ସମ୍ଭବତଃ ଆଦିମ କାଳରୁ ମଦ କେମିତି ମଣିଷକୁ କବଳିତ କରି ସମାଜକୁ କଳୁଷିତ କରୁଛି, ଗାଁ ଗଣ୍ଡାରେ ଅଶାନ୍ତି ସୃଷ୍ଟି କରୁଛି, କଙ୍ଗାରୁକୋର୍ଟ ବସାଇ ନିରୀହ ଜନତାଙ୍କୁ କଲବଲ କରି ମାରୁଛି, ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରୁଥିବା ଲୋକଙ୍କୁ ଦଣ୍ଡିତ କରାଯାଉଛି, ମଦ ମଣିଷ ହେଉଛି ତାହାର ଏକ ସୁନ୍ଦର ନିଛକ କାହାଣୀ। କବି ହରିଶ ପ୍ରଧାନଙ୍କ ପ୍ରଯୋଜନାରେ ନିର୍ମାଣ ହେଉଥିବା ଏହି ଚଳଚ୍ଚିତ୍ରକୁ ଜୀବନ୍ତ କରିବା ପାଇଁ ସେ ନିଜେ ଗୀତଗୁଡ଼ିକ ରଚନା କରିଛନ୍ତି। ନିର୍ଦ୍ଦେଶକ ପ୍ରଧାନ ସଂଳାପ ଲେଖିବା ସହ ଏହାକୁ ମଦ ବିରୋଧୀ ଆନ୍ଦୋଳନରେ ପରିଣତ କରିବା ପାଇଁ ଉଦ୍ୟମ ଚାଲିଥିବା କହିଛନ୍ତି। ଏହି ଚଳଚ୍ଚିତ୍ର ଲୋକଙ୍କ ମନରେ ଜାଗରଣ ସୃଷ୍ଟି କରିବ ବୋଲି ସେ ଆଶାବାଦୀ ଅଛନ୍ତି।



ମଦ ପାଇଁ ସମାଜରେ ଘଟୁଥିବା ଅଘଟଣ, ବିଶୃଙ୍ଖଳା ଦିନକୁ ଦିନ ବୃଦ୍ଧି ପାଉଛି। ଏହାକୁ ରୋକିବା କ୍ଷେତ୍ରରେ ଏହି ଚଳଚ୍ଚିତ୍ର ନିଶ୍ଚିତ ବଳିଷ୍ଠ ମାଧ୍ୟମ ହେବ ବୋଲି ଉଭୟ ଲେଖକ ଓ ନିର୍ଦ୍ଦେଶକ ଆଶାବାଦୀ ଅଛନ୍ତି। ଚଳଚ୍ଚିତ୍ରର ପ୍ରମୁଖ ଭୂମିକାରେ ଶୁଭ୍ରାଂଶୁ ଶେଖର ପଣ୍ଡା, ନିରଞ୍ଜନ ସାହୁ, ଦେବେନ୍ଦ୍ର ପରଗୁରୁ, ଆଶୁତୋଷ ରଥ ଅଭିନୟ କରିଛନ୍ତି।

# ନାଚୁଣୀ ଥାନାରେ ନୂତନ ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ

ଚିଲିକା,୭।୫(ସମିସ): ଖୋର୍ଦ୍ଧା ଆରକ୍ଷୀ ଜିଲ୍ଲା ଅନ୍ତର୍ଗତ ନାଚୁଣୀ ଥାନାର ନୂତନ ଭାରପ୍ରାପ୍ତ ଅଧିକାରୀ ଭାବେ ବିଭୁତି ଭୂଷଣ ମହାପାତ୍ର ଯୋଗ ଦେଇଛନ୍ତି। ଏହି ଥାନାର ପ୍ରାକ୍ତନ ଭାରପ୍ରାପ୍ତ ଅଧିକାରୀ ଚନ୍ଦ୍ରଶେଖର ଜେନାଙ୍କ ସ୍ଥାନାନ୍ତର ପରେ ସେହି ସ୍ଥାନରେ ଶ୍ରୀ ମହାପାତ୍ର ଯୋଗ ଦେଇ ଦାୟିତ୍ୱ ଗ୍ରହଣ କରିଛନ୍ତି। ଶ୍ରୀ ଜେନା ଙ୍କର ଜିଲ୍ଲା ସାଇବର ଥାନାକୁ ବଦଳି ହୋଇ ଥିବା ବେଳେ ଶ୍ରୀ ମହାପାତ୍ର ସେହି ଥାନାରୁ ଆସି ନାଚୁଣୀ ଥାନାରେ ଅବସ୍ଥାପିତ ହୋଇଛନ୍ତି। ପୂର୍ବରୁ ସେ ଦୀର୍ଘ ୧୦ ବର୍ଷ କାଳ ଯାଜପୁର ଜିଲ୍ଲାର ମଙ୍ଗଳପୁର, ଧର୍ମଶାଳା ଆଦି ବିଭିନ୍ନ ଥାନାରେ ସୁଚାରୁରୂପେ କାର୍ଯ୍ୟ ନିର୍ବାହ କରିବା ପରେ ପଦୋନ୍ନତି ପାଇ ଖୋର୍ଦ୍ଧା ଜିଲ୍ଲାର ଟାଉନ୍ ଥାନାରେ ଯୋଗ ଦେଇ ପରବର୍ତ୍ତୀ କାଳରେ ସାଇବର ଥାନାକୁ ବଦଳି ହୋଇଥିଲେ। ତାଙ୍କ ଯୋଗ ଦାନ ପରେ ଥାନା କର୍ମଚାରୀମାନଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ବର୍ଗର ଜନସାଧାରଣ ତାଙ୍କୁ ସ୍ୱାଗତ କରିଥିଲେ। ସେହିପରି ବାଲୁଗାଁ ଥାନାର ଆଇ.ଆଇ. ସି ଜୟ ପ୍ରକାଶ ପରିଡା ବାଣପୁର ଥାନା ଅଧିକାରୀ ଭାବେ ଯୋଗ ଦେଇଥିବା ବେଳେ ତାଙ୍କ ସ୍ଥାନରେ ଟାଙ୍ଗୀ ଥାନାର ଅତିରିକ୍ତ ଆଇ.ଆଇ. ସି ଶ୍ରଦ୍ଧାନାୟକ ବାଲୁଗାଁ ଥାନା ଅଧିକାରୀ ଭାବେ କାର୍ଯ୍ୟରେ ଯୋଗ ଦେଇଛନ୍ତି।

# ୨୫ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗର ଜବତ, ୪ ଗିରଫ



ଖୋର୍ଦ୍ଧା, ୭।୫ (ସମିସ): ବ୍ରାଉନସୁଗର ଧରପଗଡରେ ସଦରଥାନା ପୁଲିସକୁ ମିଳିଛି ବଡ ସଫଳତା। ସଦରଥାନା ଅନ୍ତର୍ଗତ ଝିଙ୍କିଝାରୀ ମୌଜାରେ ରହିଥିବା ବିପଦପୂର୍ଣ୍ଣ ବଡସାଉଁଳି ପାହାଡ ତଥା ଗ୍ରୀନ୍ ଲେକ୍ (ଓଡ଼ିଶା ସାଇକ୍ଲୋନ୍ ଲେକ୍) ନିକଟରେ ପୁଲିସ ଚଢଉ କରି ଏକ ବଡ ଧରଣର ବ୍ରାଉନସୁଗର ବେପାରକୁ ପଣ୍ଡ କରିଛି। ଏଠାରେ ବେପାର କରୁଥିବା ବ୍ରାଉନସୁଗର ବ୍ୟବସାୟୀ ଓ ଗ୍ରାହକଙ୍କୁ ମିଶାଇ ୪ଜଣଙ୍କୁ ପୁଲିସ ଗିରଫ କରିଛି। ଗିରଫ ବ୍ୟବସାୟୀ ହେଲେ ଦଧିମାଛଗାଡିଆର ବଳରାମ ଦଳେଇ ଓରଫ୍ ରାଜା (୨୬), ସୌରଜିତ୍ ବିଶ୍ୱାଳ ଓରଫ ସୌରଜିତ୍ (୨୧), ଦୀପକ ପାତ୍ର (୨୧) ଏବଂ ଗ୍ରାହକ ହେଲେ ପୁରୀ ଜିଲ୍ଲା ଡେଲାଙ୍ଗ ଥାନା ଅନ୍ତର୍ଗତ ହରିରାଜପୁରର ସୌମ୍ୟରଞ୍ଜନ ରାୟ (୨୨) ବୋଲି ସଦରଥାନାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ବିବେକାନନ୍ଦ ଶର୍ମା କହିଛନ୍ତି। ସେମାନଙ୍କଠାରୁ ପୁଲିସ ୨୫୯ଗ୍ରାମ ଓଜନର ବ୍ରାଉନସୁଗର, ନଗଦ୩୦ ହଜାର ଟଙ୍କା, ୪ଟି ସ୍ମାର୍ଟଫୋନ୍ ଓ ଦୁଇଟି ବାଇକ୍‌କୁ ଜବତ କରାଯାଇଛି। ଜବତ ବ୍ରାଉନସୁଗରର ମୂଲ୍ୟ ୨୫ଲକ୍ଷ ୯୦ହଜାର ହେବ ବୋଲି ଏସ୍‌ପି ଶ୍ରୀ ଶର୍ମା କହିଛନ୍ତି।

**➤ ନଗଦ ୩୦ହଜାର ଟଙ୍କା, ୪ ମୋବାଇଲ, ୨ବାଇକ୍ ଜବତ**
**➤ ବଡସାଉଁଳି ପାହାଡ ପାଲଟିଛି ନିଶାଡିଙ୍କ ଆଡ୍ଡାସ୍ଥଳୀ**
**➤ ଗିରଫ ରାଜା ଓ ଦୀପକ ଜିଲ୍ଲା ଓ ଜିଲ୍ଲା ବାହାରକୁ ଯୋଗାଉଥିଲେ ବ୍ରାଉନସୁଗର**

ଏସ୍‌ପି ଶ୍ରୀ ଶର୍ମାଙ୍କ ସୂଚନା ଅନୁସାରେ, ଝିଙ୍କିଝାରୀ ମୌଜାରେ ରହିଛି ବିପଦପୂର୍ଣ୍ଣ ବଡସାଉଁଳି ପାହାଡ। ମାଟିର ସ୍ତରଠାରୁ ଏହା ଭିତରକୁ ଶହ ଶହ ଫୁଟ ଗଭୀର ରହିଛି। ଏହି ଗଭୀର ଅଂଶରେ ବର୍ଷାଜଳ ଭରି ରହିବା ଓ ଏଥିରେ ସୂର୍ଯ୍ୟକିରଣ ପଡି ଏହା ମିନି ଲଦାଖର ଭ୍ରମ ସୃଷ୍ଟି କରୁଛି। ଏହାକୁ ଗ୍ରୀନ୍ ଲେକ୍ (ଓଡ଼ିଶା ସାଇକ୍ଲୋନ୍ ଲେକ୍) ବୋଲି ସ୍ଥାନୀୟ ଅଂଚଳରେ କୁହାଯାଉଛି। ବିଗତ ଦିନରେ ଏଠାରେ ବହୁ ଦୁର୍ଘଟଣା ଘଟିବାପରେ ଏହି ଅଂଚଳକୁ ପ୍ରଶାସନ ନିଷିଦ୍ଧାଂଚଳ ଘୋଷଣା କରିଥିଲା। ମାତ୍ର ଲୋକଙ୍କ ଯାତାୟତ କମ ଥିବାରୁ ଏହାର ସୁଯୋଗ ନେଇ ସେଠାରେ ନିଶା ବେପାରୀ ଆଡ୍ଡା ଜମାଉଥିବା ଖବର ମିଳିଥିଲା। ତେଣୁ ସଦର ପୁଲିସ ଉକ୍ତ ସ୍ଥାନ ଉପରେ ନଜର ରଖିଛି। ବୁଧବାର ଅପରାହ୍ନରେ ସେଠାରେ କିଛି ଯୁବକ ବ୍ରାଉନସୁଗର କାରବାର କରୁଥିବା ପୁଲିସ ବିଶେଷ ସୂତ୍ରରୁ ଖବର ପାଇଥିଲା। ସେମାନଙ୍କୁ ଧରିବା ଲାଗି ଏସ୍.ପି. ଶ୍ରୀ ଶର୍ମାଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଏସ୍.ପି, ତଥା ଭାରପ୍ରାପ୍ତ ଏସଡିପିଓ ନିହାର ରଞ୍ଜନ ପ୍ରଧାନ ଓ ଭାରପ୍ରାପ୍ତ ସଦର ଥାନା ଅଧିକାରୀ ବାସୁଦେବ ଜୟସିଂହ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇଥିଲା। ଏହି ଟିମ୍ ଏସ୍.ଆଇ ସୁଜାତା ପଲାଇଙ୍କ ନେତୃତ୍ୱରେ ଅପରାହ୍ନ ୪ଟା ସମୟରେ ଚଢ଼ଉ କରିଥିଲେ। ଚଢଉ ଦେଖି ଅଭିଯୁକ୍ତମାନେ ଛତ୍ରଭଙ୍ଗ ଦେଇଥିଲେ ମଧ ପୁଲିସ ସେମାନଙ୍କୁ କାବୁ କରିଥିଲା ବୋଲି ଏସପି କହିଥିଲେ। ସେମାନଙ୍କୁ ପୁଲିସ ତଲାସୀ କରିବାରେ ରାଜା ଠାରୁ ୧୬୦ଗ୍ରାମ ବ୍ରାଉନ୍‌ସୁଗର୍ ଓ ଏକ ଫୋନ୍, ସୌରଜିତ୍ ଠାରୁ ୧୦୫ ଗ୍ରାମ ବ୍ରାଉନ୍‌ସୁଗର, ଏକ ଫୋନ୍ ଓ ବାଇକ୍, ଦୀପକ ଠାରୁ ଏକ ଫୋନ୍, ଏବଂ ସୌମ୍ୟରଞ୍ଜନ ଠାରୁ ୩୦ହଜାର ଟଙ୍କା (୬୦ଖଣ୍ଡ ୫୦୦ ଟଙ୍କିଆ), ଏକ ଆଇଫୋନ୍ ଓ ବାଇକ୍ କୁ ପୁଲିସ ଜବତ କରିଥିଲା। ତଦନ୍ତବେଳେ ପୁଲିସ ଜାଣିବାକୁ ପାଇଥିଲା ଯେ, ରାଜା ଓ ଦୀପକ ହେଉଛନ୍ତି ବଡ ବ୍ୟବସାୟୀ। ସେମାନେ ଜିଲ୍ଲା ଓ ଜିଲ୍ଲା ବାହାରକୁ ନେଟୱର୍କ ଲମ୍ବାଇ ଏଜେଂଟମାନଙ୍କୁ ମାଲ ଯୋଗାଉଥିଲେ। ତାଙ୍କ ସହ ସୌରଜିତ ସାମିଲ ହୋଇ ସ୍ଥାନୀୟ ଅଂଚଳରେ ବେପାର କରୁଥିଲା। ସେମାନଙ୍କ ଠାରୁ ହରିରାଜପୁର ର ସୌମ୍ୟରଞ୍ଜନ ମାଲ ନେଇ ତା ନିକଟ ଅଂଚଳରେ ବପୋର କରୁଥିଲା। ଅନ୍ୟ ପାଶ୍ୱର୍ରେ ଗିରଫ ଅଭିଯୁକ୍ତମାନେ ଏକାଧିକ ଛିନତାଇ ଓ ଅନ୍ୟାନ୍ୟ ମାମଲାରେ ସମ୍ପୃକ୍ତ। ସେମାନଙ୍କ କାର୍ଯ୍ୟକଳାପ ଯୁବ ସମାଜ ଓ ଛାତ୍ରଛାତ୍ରୀମାନଙ୍କୁ ବିପଥଗାମୀ କରାଉଥିବାବେଳେ ଅପରାଧ ବୃଦ୍ଧି ପାଉଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି ବୋଲି ଏସ୍‌ପି କହିଥିଲେ। ଏତେ ପରିମାଣ ର ବ୍ରାଉନସୁଗର ଏମାନେ କାହାଠାରୁ ଆଣୁଥିଲେ ଏବଂ ଏଥିରେ ଅନ୍ୟ କେଉଁମାନେ ସମ୍ପୃକ୍ତ ରହିଛନ୍ତି ତାର ତଦନ୍ତ ଚାଲିଥିବା ଏସ୍‌ପି କହିଥିଲେ। ଏସଆଇ ପଲେଇଙ୍କ ଅଭିଯୋଗକ୍ରମେ ୨୦୦/୨୬ରେ ଏକ ମାମଲା ରୁଜୁ କରି ପୁଲିସ ଗିରଫ ୪ଜଣଙ୍କୁ କୋର୍ଟ ଚାଲାଣ କରିଛି। ଏହି ମାମଲା ର ତଦନ୍ତ ଭାର ଥାନା ଅଧିକାରୀ ଶ୍ରୀ ଜୟସିଂହଙ୍କୁ ଦିଆଯାଇଛି ବୋଲି ଏସପି କହିଥିଲେ।

ଏହି ସାମ୍ବାଦିକ ସମ୍ମିଳନୀରେ ଭାରପ୍ରାପ୍ତ ଏସଡିପିଓ ନିହାର ରଞ୍ଜନ ପ୍ରଧାନ ଓ ଭାରପ୍ରାପ୍ତ ସଦର ଥାନା ଅଧିକାରୀ ଶ୍ରୀ ଜୟସିଂହ, ଏସଆଇ ସୁଜାତା ପଲେଇ, ଏଏସ୍ଆଇ ମନଜିତ୍ ଏକ୍କା ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରୀରଙ୍ଗନାଥ ଦେବଙ୍କ ଭିତର ଚନ୍ଦନ



ବାଣପୁର, ୭।୫(ସମିସ): ଜଗନ୍ନାଥ ସଂସ୍କୃତି ପରମ୍ପରା ଅନୁଯାଇ ଦେବା ଦେବୀ ମାନଙ୍କୁ ପ୍ରଚଣ୍ଡ ରୌଦ୍ରତାପରୁ ଉପସମ ପାଇଁ ସଂଧ୍ୟାରେ ଚନ୍ଦନ ଲାଗି କରାଯିବା ସହ ଜଳକ୍ରୀଡ଼ା କରାଯାଉଛି। ଗ୍ରୀଷ୍ମ ପ୍ରବାହର ଅକ୍ଷୟ ତୃତୀୟା ତିଥି ଠାରୁ ଠାକୁର ମାନଙ୍କୁ ଚନ୍ଦନ ଲାଗି କରାଯାଇ ଆସୁଛି। ଏହି ଚନ୍ଦନ ଯାତ ଉପଲକ୍ଷେ ଗ୍ରାମାଂଚଳ ଓ ସହରାଂଚଳ ଉତ୍ସବ ମୁଖର ହୋଇ ପଡ଼ିଛି। ପବିତ୍ର ଅକ୍ଷୟ ତୃତୀୟା ଠାରୁ ଦୈନ ଦିନ ଭଗବତୀ କ୍ଷେତ୍ର ବାଣପୁରର ଆରାଧ ଠାକୁର ଶ୍ରୀ ରଙ୍ଗନାଥ ଦେବଙ୍କୁ ପ୍ରଚଣ୍ଡ ରୌଦ୍ରତାପରୁ ଉପସମ ପାଇଁ ସଂଧ୍ୟାରେ ବାହାର ଚନ୍ଦନ ପାଣି କୁଣ୍ଡରେ ସ୍ନାନ କରାଇ ଚନ୍ଦନ ଲାଗି ବେଶ ଅନୁଷ୍ଠିତ ହୋଇଆସୁଥିବା ବେଳେ ସୋମବାର ଦିନ ଠାରୁ ଭିତର ଚନ୍ଦନ ଆରମ୍ଭ ହୋଇଯାଇଛି। ଏହି କ୍ରମରେ ଶୁକ୍ରବାର ଠାରୁ ବାଣପୁରର ଇଷ୍ଟଦେବୀ ମା' ଭଗବତୀ, ପିତା ଦକ୍ଷପ୍ରଜାପତିଙ୍କ ସହ ଶ୍ରୀ ରଙ୍ଗନାଥ ଦେବ ସ୍ଥାନିୟ ଗୋପାଳପୁର ଶାସନ ଯାତ୍ରା କରି ସେଠାରେ ଭଉଁରୀ ଯାତ୍ରାରେ ସାମିଲ ହୋଇ ଜଳକ୍ରୀଡ଼ା କରିବାର ପରମ୍ପରା ରହିଛି। ଗୁରୁବାର ଦିନ ମହାପ୍ରଭୁ ଶ୍ରୀ ରଙ୍ଗନାଥ ଦେବଙ୍କର ଭିତର ଚନ୍ଦନ ଶେଷ ହୋଇଯାଇଛି। ଝୁଲଣ ଦୋଳିରେ ଶ୍ରୀଜିଉ ମାନେ ଝୁଲୁଥିବା ମନୋରମ ଦୃଶ୍ୟ ଦର୍ଶନ ସହ ପ୍ରଭୁଙ୍କ ଏହି ଅପୂର୍ବ ଜଳକ୍ରିଡ଼ା ଦର୍ଶନ ନିମନ୍ତେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ଲାଗି ରହୁଛି। ଫଳରେ ୨୧ ଦିନ ବ୍ୟାପି ଅଞ୍ଚଳରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଆସୁଥିବା ବେଳେ ବର୍ତ୍ତମାନ ଭିତର ଚନ୍ଦନରେ ବାଣପୁର ଉତ୍ସବ ମୁଖର ହୋଇ ପଡ଼ିଛି। ପୂଜକ ଚନ୍ଦ୍ରଶେଖର ହୋତା ଶ୍ରୀଜିଉ ମାନଙ୍କୁ ନୀତିକାନ୍ତି କରୁଥିବା ସ୍ଥଳେ ମନ୍ଦିର ପରିଚାଳନା କମିଟି ତରଫରୁ ଦେବଦତ୍ତ ପାଣି, ଦାସରଥି ସାହୁ, ପଦ୍ମନାଭ ମହାପାତ୍ର ଓ ସୋମନାଥ ହୋତା ପରିଚାଳନା କରିଥିଲେ।

# କାଶୀପୁର ବଡ଼ପାଟଣା ରାମଲୀଳାରେ 'ମହିରାବଣ ବଧ'



ନିରାକାରପୁର,୭।୫ (ସମିସ): ଖୋର୍ଦ୍ଧା ଜିଲ୍ଲା ଡିଆ ପଞ୍ଚାୟତ ଅନ୍ତର୍ଗତ କାଶୀପୁର ବଡ଼ପାଟଣା ଗ୍ରାମର ପ୍ରସିଦ୍ଧ ରାମଲୀଳା ମୁକ୍ତାକାଶ ମଞ୍ଚରେ ଅନୁଷ୍ଠିତ ହୋଇଯାଇଛି "ମହିରାବଣ ବଧ' ନାଟକ। ରାବଣର ନିର୍ଦ୍ଦେଶରେ ମାୟାବୀ ମହିରାବଣ କିପରି ଭଗବାନ ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ ପାତାଳପୁରକୁ ଅପହରଣ କରି ନେଇଥିଲା ଏବଂ ପରବର୍ତ୍ତୀ ସମୟରେ ହନୁମାନଙ୍କ ଦ୍ୱାରା ମହିରାବଣର ବିନାଶ ଘଟିଥିଲା, ତାହା କଳାକାରମାନଙ୍କ ଜୀବନ୍ତ ଅଭିନୟ ମାଧ୍ୟମରେ ପ୍ରଦର୍ଶିତ ହୋଇଥିଲା। ଏହି ନାଟକରେ ଶ୍ରୀରାମ ଭୂମିକାରେ ରାଜେଶ ପ୍ରଧାନ ଏବଂ ଲକ୍ଷ୍ମଣ ଭୂମିକାରେ ଶୁଭମ୍ ପ୍ରଧାନ ନିଜର ନିପୁଣ ଅଭିନୟ ପ୍ରଦର୍ଶନ କରିଥିଲେ। ସେହିପରି ମହିରାବଣ ଭୂମିକାରେ କୈଳାଶ ଦଳାଇ, ଲଙ୍କାପତି ରାବଣ ଭୂମିକାରେ ଅକ୍ଷୟ ଲେଙ୍କା, ନୌକେଶୀ ଭୂମିକାରେ ରାକେଶ ପରିଡ଼ା ଏବଂ ସଙ୍କଟମୋଚନ ହନୁମାନ ଭୂମିକାରେ ନବକିଶୋର ବରାଳ ଅଭିନୟ କରି ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। କାର୍ଯ୍ୟକ୍ରମକୁ ଗାୟକ ବିପିନ ସାହୁ ଓ ଶ୍ୟାମ ସୁନ୍ଦର ବିଶ୍ୱାଳ ନିଜର ସୁମଧୁର କଣ୍ଠରେ ସଜେଇଥିବା ବେଳେ ଗୁରୁ ପଦ୍ମନାଭ ଦଳାଇଙ୍କ ମାର୍ଗଦର୍ଶନରେ ନାଟକଟି ସଫଳତାର ସହ ପରିବେଷିତ ହୋଇଥିଲା। ଏଥିସହିତ ସନ୍ତୋଷ ଦଳାଇ ଓ ଅଗ୍ରଜ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଗ୍ରାମର ଶତାଧିକ ଶ୍ରଦ୍ଧାଳୁ ଉପସ୍ଥିତ ରହି ଏହି ରାମଲୀଳାର ଭରପୂର ଆନନ୍ଦ ଉଠାଇବା ସହ ଭକ୍ତିମୟ ପରିବେଶକୁ ଉପଭୋଗ କରିଥିଲେ।

# ପାରିବାରିକ କଳହରୁ ବୃଦ୍ଧଙ୍କ ଆତ୍ମହତ୍ୟା

ବାଲୁଗାଁ, ୭।୫(ସମିସ) : ବାଲୁଗାଁ ଥାନା ଅଧୀନ ପାରିକଂଶାରୀ ଗ୍ରାମର ଜଣେ ବୃଦ୍ଧ ଆତ୍ମହତ୍ୟା କରିଥିବା ବେଳେ ଗୁରୁବାର ସକାଳେ ବାଲୁଗାଁ ପୁଲିସ ମୃତ ଦେହ ଜବତ କରି ତଦନ୍ତ ଜାରି ରଖିଛି। ମୃତ ବ୍ୟକ୍ତି ଜଣକ ହେଲେ ପାରିକଂଶାରୀ ଗ୍ରାମର ଦୁତି ନାୟକ(୮୦)। ପାରିବାରିକ କଳହକୁ କେନ୍ଦ୍ର କରି ବୁଧବାର ରାତିରେ ଘରେ ସମସ୍ତେ ଶୋଇ ପଡିବା ପରେ ଦୁତି ନିଜର ମାନସିକ ଭାରସାମ୍ୟ ହରାଇ ଘରର ଉପର ମହଲାରେ ବେକରେ ଦଉଡି ଲଗାଇ ଝୁଲିପଡି ଆତ୍ମହତ୍ୟା କରିଛନ୍ତି। ଗୁରୁବାର ସକାଳୁ ପରିବାର ଲୋକେ ଦେଖି ପୁଲିସକୁ ସୁଚନା ଦେଇଥିବା ବେଳେ ଖବର ପାଇ ବାଲୁଗାଁ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁତିର ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ପଠାଇ ଥିଲେ। ପାରିବାରିକ କଳହ ଲାଗି ଦୁତି ଆତ୍ମହତ୍ୟା କରିଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଅନୁମାନ କରୁଥିବା ସ୍ଥଳେ ଅଭିଯୋଗ ଆଧାରରେ ପୁଲିସ ଏ ସଂକ୍ରାନ୍ତରେ ୯/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଏଏସଆଇ ମନୋରଂଜନ ସ୍ୱାଇଁ ତଦନ୍ତ ଅବ୍ୟାହତ ରଖିଛନ୍ତି।

# ବ୍ଲକସ୍ତରୀୟ ଶୈକ୍ଷିକ ଉନ୍ନୟନ ପରିଷଦର କର୍ମକର୍ତ୍ତା ଚୟନ



ବେଗୁନିଆ, ୭।୫ (ସମିସ): ବୋଲଗଡ ବ୍ଲକ ଅନ୍ତର୍ଗତ ସାନପଦରସ୍ଥିତ ଭକ୍ତ ଚରଣ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ଶୈକ୍ଷିକ ଉନ୍ନୟନ ପରିଷଦର କର୍ମକର୍ତ୍ତା ଚୟନ ହୋଇଛି। ଏଥିରେ ପ୍ରାଥମିକ ଶିକ୍ଷକ ସଂଘ (ଏନପିଏସ) ର ସମ୍ପାଦକ ପ୍ରଫୁଲ୍ଲ କୁମାର ସିଂହଙ୍କ ସଂଯୋଜନାରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ସ୍ୱାଇଁ ନିର୍ଦ୍ଦେଶକ, ଉପଦେଷ୍ଟା ବୋଲଗଡ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଯାଜ୍ଞସେନୀ ସାହୁ, ଶିକ୍ଷାବିତ୍ ପଦ୍ମ ଚରଣ ବେହେରା,ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ କୈଳାସ ନାଥ ସ୍ୱାଇଁ ଓ ସହ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଅମିତା ମିଶ୍ର, ସଭାପତି ରବୀନ୍ଦ୍ର କୁମାର ବେହେରା, ଉପସଭାପତି ପ୍ରଣତି ସିଂହ, ସମ୍ପାଦକ ପ୍ରମୋଦ କୁମାର ହୋତା, ଯୁଗ୍ମସମ୍ପାଦକ, ଅଶୋକ କୁମାର ସାହୁ, ପ୍ରିୟଦର୍ଶିନୀ ପାତ୍ର, କୋଷାଧ୍ୟକ୍ଷ ସାଧନ କେନ୍ଦ୍ର ସଂଯୋଜକ ଲୋକନାଥ ସାହୁ ଓ ଗଣ ମାଧ୍ୟମ ସଂଯୋଜକ ଭିକାରୀ ଚରଣ ପୃଷ୍ଟିଙ୍କୁ ସର୍ବ ସସମ୍ମତି କ୍ରମେ ଚୟନ ହୋଇଥିଲେ। ପରେ ଶିକ୍ଷକ ଶିକ୍ଷୟିତ୍ରୀ ଓ ସାଧନ କେନ୍ଦ୍ର ସଂଯୋଜକମାନଙ୍କ ମଧ୍ୟରୁ ୪୨ ଜଣଙ୍କୁ ପରିଷଦର ସଭ୍ୟ ଓ ସଭ୍ୟା ରୂପେ ଗ୍ରହଣ କରାଯାଇଥିଲା। ଶିକ୍ଷକ ବିଜୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ରହ୍ମାକୁମାରୀ ସେବା କେନ୍ଦ୍ରରେ ମାତୃ ଦିବସ




ଖୋର୍ଦ୍ଧା, ୭।୫(ସମିସ): ସ୍ଥାନୀୟ ଗୋଡ଼ି ପୋଖରୀସ୍ଥିତ ବ୍ରହ୍ମା କୁମାରୀ ସେବାକେନ୍ଦ୍ର ପରିସରରେ ଆଜି ପୂର୍ବାହ୍ନରେ ଏହାର ମୁଖ୍ୟ ସଂଚାଳିକା ଅନୁରାଧା ଭଉଣୀଙ୍କ ସଭାପତିତ୍ୱରେ ମାତୃ ଦିବସ ପାଳନ କରାଯାଇଥିଲା। ଅତିଥି ଭାବରେ ସମାଜସେବୀ ତଥା ପରିବେଶବିତ୍ ସୁକାନ୍ତି ପଟ୍ଟନାୟକ ଶିଆଳିଆ ଗ୍ରାମରୁ ଆସି ଯୋଗଦାନ କରି ଆଜିର ବିଷୟ "ମାଆ ସୁଖୀ ପରିବାର ର ଆଧାର ଶିଳା' କହି ମାତୃ ଶକ୍ତି ର ଗୁଣଗାନ କରିଥିଲେ। ବ୍ରହ୍ମା କୁମାର ଜୟକୃଷ୍ଣ ଭାଇ ବନ୍ଦେ ମାତରଂ ଓ ଭାରତମାତା କି ଜୟ ସ୍ଲୋଗାନ ଦେଇ ମାଆ ର ତ୍ୟାଗ ଏବଂ ମମତା ଅତୁଳନୀୟ ବୋଲି କହିଥିଲେ। ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ବ୍ରହ୍ମା କୁମାରୀ ପାଠଶାଳାରୁ ଶତାଧିକ ମାଆ ଓ ଭଉଣୀମାନେ ଏହି କାର୍ଯ୍ୟକ୍ରମ ରେ ଯୋଗଦାନ କରିଥିଲେ। ଶେଷରେ ଏହି ବିଦ୍ୟାଳୟ ର ନିୟମିତ ବିଦ୍ୟାର୍ଥୀ ନବେ ବର୍ଷିଆ ଶ୍ରୀମତୀ ଅଗ୍ରୱାଲାଙ୍କୁ ଉତ୍ତରୀୟ ଓ ପୁଷ୍ପ ଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ଅପରାହ୍ନରେ ଖୋର୍ଦ୍ଧା ସହରର କୋଣାର୍କ ନଗର ଠାରେ ଥିବା ବ୍ରହ୍ମା କୁମାରୀ ପାଠଶାଳା ପରିସରରେ ମାତୃ ଦିବସ ପାଳନ କରାଯାଇଥିଲା।

# ମେଧାବୀ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା



ନିରାକାରପୁର,୭।୫ (ସମିସ): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ରମାବିଲି ସ୍ଥିତ ରାମଚନ୍ଦ୍ର ବିଦ୍ୟା ନିକେତନର ଛାତ୍ରଛାତ୍ରୀ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଚମତ୍କାର ସଫଳତା ହାସଲ କରି ବିଦ୍ୟାଳୟ ତଥା ଅଞ୍ଚଳ ପାଇଁ ଗୌରବ ଆଣିଦେଇଛନ୍ତି। ବିଦ୍ୟାଳୟର ଛାତ୍ର ଗୁରୁ ପ୍ରସାଦ ଶତପଥୀ ମୋଟ ୫୬୯ ନମ୍ବର ରଖି ଟାଙ୍ଗୀ ବ୍ଲକରେ ଟପ୍ପର ହେବା ସହ ଖୋର୍ଦ୍ଧା ଜିଲ୍ଲାରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ସଫଳତା ପାଇଁ ଆଜି ବିଦ୍ୟାଳୟ ପରିସରରେ ଏକ "ମେଧାବୀ ଅଭିନନ୍ଦନ" କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବଳରାମ ପାଇକରାୟଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ କୃତୀ ଛାତ୍ର ଗୁରୁ ପ୍ରସାଦଙ୍କ ସମେତ ଅନ୍ୟ ସମସ୍ତ ଶିକ୍ଷାର୍ଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅନ୍ୟ ଶିକ୍ଷକ ଓ କର୍ମଚାରୀମାନଙ୍କ ମଧ୍ୟରେ ଶିକ୍ଷକ ନେତା ରମାକାନ୍ତ ମହାପାତ୍ର, ନରେନ୍ଦ୍ର ପାଇକରାୟ, ନାରାୟଣ ପାତ୍ର, ସୁକାନ୍ତି ବିଶୋଇ, ଶରତ ଚନ୍ଦ୍ର ଛୋଟରାୟ, ପ୍ରଭାତ ମଙ୍ଗରାଜ, ମାନସ ପାହାଡସିଂହ, ଅକ୍ରୁର ସାମନ୍ତରାୟ, ରଶ୍ମି ରଞ୍ଜନ ପ୍ରଧାନ ଏବଂ ମୁରଲୀଧର ଶ୍ରୀଚନ୍ଦନ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।

# ଅଟଳ ବସ୍‌ଷ୍ଟାଣ୍ଡ କର୍ମଚାରୀଙ୍କ ପକ୍ଷରୁ ଦହିପଣା ବଣ୍ଟନ



ବେଗୁନିଆ, ୭।୫ (ସମିସ): ବେଗୁନିଆ ସଦର ମହକୁମାସ୍ଥିତ ଅଟଳ ବସଷ୍ଟାଣ୍ଡ କର୍ମଚାରୀ ମାନେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଦୃଷ୍ଟିରେ ରଖି ଯାତ୍ରୀ ମାନଙ୍କୁ ଦହିପଣା ବଣ୍ଟନ କରିଥିଲେ। ଏଥିରେ ବନିତା କୁମାରୀ ପ୍ରଧାନ, ସୁନିଲ ବଳିୟାରସିଂହ, ଓମ ପ୍ରକାଶ ବାହୁ ବଳେନ୍ଦ୍ର ଓ ଅମିତ୍ କୁମାର ରାୟଙ୍କ ସମେତ କର୍ମଚାରୀ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

# ପ୍ରସିଦ୍ଧ ତାଳଡିହ କାଠମୁଖା ପିନ୍ଧା ରାମଲୀଳା ଉଦ୍‌ଯାପିତ



ଟାଙ୍ଗୀ, ୭।୫(ସମିସ): ଟାଙ୍ଗୀ ବ୍ଲକ ରତନପୁର ଗ୍ରାମପଞ୍ଚାୟତ ତାଳଡିହ୍ ଗ୍ରାମର ଆରାଧ ଶ୍ରୀରଘୁନାଥଦେବଙ୍କ ପବିତ୍ର ପୀଠରେ ପ୍ରସିଦ୍ଧ ରାମଲୀଳା ପୌରାଣିକ ଗାଥା ଉଦ୍‌ଯାପିତ ହୋଇଯାଇଛି। ଏହି ଉଦଯାପନୀ ଦିବସରେ ରାବଣ ବଧ ଓ ଶ୍ରୀରାମଙ୍କ ରାଜ୍ୟାଭିଷେକ ଉତ୍ସବ ସହିତ ନଗର ପରିକ୍ରମା ଅନୁଷ୍ଠିତ ହୋଇଯାଇଛି। ଏହି ପୌରାଣିକ ଅନଙ୍ଗ ନରେନ୍ଦ୍ରଙ୍କ ରଚିତ ନାଟକ ଦେଖିବା ପାଇଁ ଶହସ୍ରାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ନିଜର ସମସ୍ତ ପୁତ୍ର ଓ ଶକ୍ତିଶାଳୀ ଭାଇମାନଙ୍କୁ ହରାଇ ଦଶାନାନ ରାବଣକ୍ରୋଧରେ ଜର୍ଜରିତ ହୋଇ ଶ୍ରୀରାମଙ୍କ ସହିତ ଯୁଦ୍ଧ କରିବା ପାଇଁ ବାହାରିବା, ଶ୍ରୀରାମ ସେନା ଓ ରାବଣ ସେନା ମଧ୍ୟରେ ଘମାଘୋଟ ଯୁଦ୍ଧରେ ପୁରୁଷୋତ୍ତମ ଶ୍ରୀରାମ ରାବଣ କୁ ନିପାତ କରି ମାତାସୀତାଙ୍କୁ ଉଦ୍ଧାର କରିବା, ପ୍ରଭୁ ଶ୍ରୀରାମଙ୍କର ରାଜ୍ୟାଭିଷେକ ଉତ୍ସବ ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଶ୍ରୀରାମ ଲୀଳାରେ କଳାକାରମାନଙ୍କ ନିଖୁଣ ଅଭିନୟ ଭକ୍ତମାନଙ୍କୁ ଆକର୍ଷିତ କରିଥିଲା । ଏହି ଅବସରରେ ରାମ, ଲକ୍ଷ୍ମଣ, ସୀତା, ଭରତ, ଶତ୍ରୁଘ୍ନ ଓ ହନୁମାନ ବେଶରେ ସୁସଜ୍ଜିତ ହୋଇ କଳାକାରମାନେ ବିଜେ ଠାକୁରଙ୍କ ସହ ସାମିଲ ହୋଇ ନଗର ପରିକ୍ରମା କରିଥିଲେ । ଗ୍ରାମବାସୀମାନେ ଉତ୍ସାହର ସହିତ ଭୋଗ ଓ ନୈବେଦ୍ୟ ଅର୍ପଣ କରି ଠାକୁରଙ୍କୁ ବନ୍ଦାପନା କରିଥିଲେ । ରାମ ଭୂମିକାରେ ସୁଧୀର ପ୍ରଧାନ, ଲକ୍ଷ୍ମଣ ଭୂମିକାରେ କୁନାଲ ପ୍ରଧାନ, ସୀତା ଭୂମିକାରେ ଅମିତ୍ ସାହୁ, ହନୁମାନ ଭୂମିକାରେ ଦୟା ପ୍ରଧାନ, ରାବଣ ଭୂମିକାରେ ପ୍ରକାଶ ପ୍ରଧାନ, ମହିରାବଣ ଭୂମିକାରେ ବୁଲୁ ବରାଳ, ମକରଧ୍ୱଜ ଭୂମିକାରେ ପ୍ରଭା ବେହେରା, ଅହିରାବଣ ଭୂମିକାରେ ବାବାଇ ପ୍ରଧାନ, ଭରତ ଭୂମିକାରେ ଗୁଡୁ ପ୍ରଧାନ, ଶତ୍ରୁଘ୍ନ ଭୂମିକାରେ ରିତେଶ ପ୍ରଧାନ ତଥା ଗାୟକ ଅମିନ ପ୍ରଧାନ, ସହ ଗାୟକ ଭ୍ରମର ବଳିଆରସିଂହ ଓ ବାୟକ ବିନୁ ମହାପାତ୍ର ଅଂଶଗ୍ରହଣ କରିଥିଲେ। ପରିଚାଳନା କମିଟି ସଭ୍ୟ ଗଣେଶ ପ୍ରଧାନ, ଭ୍ରମର ବଳିୟାରସିଂହ, ବିପୁ ସାମନ୍ତରାୟ, ସୁବାସ ସାହୁ, ସୁବାସ ସାମନ୍ତରାୟ ଓ ବିଚିତ୍ର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ସାପ କାମୁଡ଼ାରେ ମହିଳା ମୃତ

ନିରାକାରପୁର, ୭।୫ (ସମିସ): ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ଅନ୍ତର୍ଗତ ଟାଙ୍କୋଳ ଗ୍ରାମରେ ସର୍ପାଘାତରେ ଜଣେ ୨୯ ବର୍ଷୀୟା ମହିଳାଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଉକ୍ତ ଗ୍ରାମର ମାନଗୋବିନ୍ଦ ପରମାଣିକଙ୍କ ପତ୍ନୀ ପୂଜାସଜଫୁଲ ପରମାଣିକ। ଗତକାଲି ସକାଳ ସମୟରେ ପୂଜାସଜଫୁଲ ଚା' କରିବା ପାଇଁ ରୋଷେଇ ଘରକୁ ଯାଇଥିଲେ। ସେଠାରେ ଚୁଲି ଜାଳେଣି ପାଇଁ ରଖାଯାଇଥିବା କାଠ ନିକଟରେ ପୂର୍ବରୁ ଲୁଚି ରହିଥିବା ଏକ ବିଷଧର ସାପ ତାଙ୍କ ଗୋଡ଼କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ଗୁରୁତର ଅବସ୍ଥାରେ ପ୍ରଥମେ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟ ଓ ପରେ ଭୁବନେଶ୍ୱର ଏମ୍ସ ହସ୍ପିଟାଲକୁ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ମହିଳାଙ୍କର ଏକ ଶିଶୁ ପୁତ୍ର ଓ କନ୍ୟା ସନ୍ତାନ ଥିବା ଜଣାପଡ଼ିଛି।

# ଧାନ ପରବର୍ତ୍ତୀ ପଡ଼ିଆ ଜମି ପରିଚାଳନା କ୍ଷେତ୍ର ଦିବସ

ବୋଲଗଡ଼, ୭।୫ (ସମିସ): ଧାନ ଅମଳ ପରବର୍ତ୍ତୀ ପଡିଆ ଜମିର ଉପଯୋଗ ଓ ପରିଚାଳନା କୃଷି କ୍ଷେତ୍ରରେ ଚାଷୀଙ୍କ ଆୟ ବୃଦ୍ଧିରେ ସହାୟକ ହୋଇଥାଏ। ଏଥି ନେଇ ବୋଲଗଡ଼ ବ୍ଲକ ବଡ଼କୁମାରୀ ପଞ୍ଚାୟତ ହରିକେଶର ଗ୍ରାମ ଠାରେ ଧାନ ପରବର୍ତ୍ତୀ ପଡିଆ ଜମି ପରିଚାଳନା କ୍ଷେତ୍ର ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ବ୍ଲକ ସ୍ତରୀୟ କୃଷି କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକ କୃଷି ଅଧିକାରୀ ସନ୍ତୋଷ କୁମାର ପରିଡା ଯୋଗଦେଇ ଚାଷୀମାନେ ଧାନ ପରବର୍ତ୍ତୀ ପଡିଆ ଜମିର ଉତ୍ତମ ଉପଯୋଗ କରି ଉତ୍ପାଦନ କରୁଥିବା ଶସ୍ୟ ଦ୍ୱାରା ଉପଯୁକ୍ତ ବଜାର ମୂଲ୍ୟ କିପରି ପାଇପାରିବେ, ଧାଡ଼ିବୁଣା ପଦ୍ଧତିରେ ବିହନ ବୁଣିବା, କୃଷି ବିଶେଷଜ୍ଞଙ୍କ ପରାମର୍ଶରେ ରୋଗ ପୋକ ଦମନ ପାଇଁ ଔଷଧ ସିଞ୍ଚନ, କୃଷି ବିଭାଗ ପକ୍ଷରୁ ମିଳିଥିବା ବିହନ, ଜୈବସାର ଏବଂ ରୋଗପୋକ ପରିଚାଳନା ବିଷୟରେ କହିଥିଲେ । ଏଥି ସହିତ ମୃତ୍ତିକା ବିଶୋଧନ ପାଇଁ ସେମାନେ ଜମିରେ ଜୈବିକ ଖତ ପ୍ରୟୋଗ କରିବାକୁ ପରାମର୍ଶ ଦେଇଥିଲେ । ମୁଖ୍ୟଅତିଥି ଭାବେ ଅଗ୍ରଣୀ କୃଷକ ତଥା ଚାଷୀ ନେତା ପ୍ରକାଶ ଚନ୍ଦ୍ର ରାଉତରାୟ କିପରି ଚାଷୀ ମାନଙ୍କର ଅର୍ଥନୈତିକ କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଉପଲବ୍ଧ ସମସ୍ତ ସୁବିଧା ସୁଯୋଗ ଗୁଡିକୁ କୃଷି କାର୍ଯ୍ୟାଳୟ ମାଧ୍ୟମରେ ସଠିକ ସମୟରେ ଯୋଗାଇଦେବାକୁ କହିଥିଲେ। ଉଲ୍ଲେଖ ଯୋଗ୍ୟଯେ, ସ୍ଥାନୀୟ ଅଞ୍ଚଳରେ ଖରିଫ ଧାନ ଫସଲ ର ଧାନ କଟା ପରେ ଜମି କୁ ପଡିଆ ନରଖି ଜମିରେ ମୁଗ, ବିରି ଏବଂ ଡାଲି ଜାତୀୟ ଶସ୍ୟ ଚାଷ କରିବାରେ ସ୍ଥାନୀୟ ଅଞ୍ଚଳର ଚାଷୀ ମାନେ ଆଗ୍ରହ ପ୍ରକାଶ କରିଥାନ୍ତି । ଏଥିପାଇଁ କୃଷି ବିଭାଗ ପକ୍ଷରୁ ବୋଲଗଡ଼ ବ୍ଲକ ସ୍ତରୀୟ କୃଷି କାର୍ଯ୍ୟାଳୟ ମାଧ୍ୟମରେ ଡିବିଟି ସ୍କିମ ରେ ଆଗ୍ରହୀ ଚାଷୀମାନଙ୍କୁ ସାର, ବିହନ, କିଟନାଶକ ଚଳିତ ବର୍ଷ ଯୋଗାଇ ଦିଆଯାଇଥିଲା ବୋଲି କୃଷି ଅଧିକାରୀ ଶ୍ରୀ ପରିଡା ସୁଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଚାଷୀ ମାନେ ଯୋଗଦେଇଥିବା ବେଳେ ବ୍ଲକ କୃଷି କାର୍ଯ୍ୟାଳୟ ର ସହକାରୀ କୃଷି ଅଧିକାରୀ ତିରୁପତି ସିନିପିନି ଙ୍କ ସମେତ କୃଷି କର୍ମଚାରୀ ମାନେ ସହଯୋଗ କରିଥିଲେ।

